بسم الله الرحمن الرحيم

**୨୦ ଅପ୍ରେଲ ୨୦୧୮ ଖୁତବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ୍ ବଶାରତ୍ ପେଡ୍ରୋଆବାଦ, ସ୍ପେନ୍**

କେନ୍ଦ୍ରୀୟ ଓ ସ୍ଥାନୀୟ ଜମାଅତର ସେକ୍ରେଟାରୀ ତବଲିଗ୍ ତଥା ଅନ୍ୟ କର୍ମକର୍ତାମାନେ ପରିସ୍ଥିତି ଅନୁକୂଳ ଯୋଜନାବଦ୍ଧ ଭାବରେ ପ୍ରଚାର କାର୍ଯ୍ୟ କରିବା ଉଚିତ୍ । ପ୍ରତ୍ୟେକ ଅହେମଦି ଖୁଦାମ, ଅନ୍‌ସାର, ଲଜନା ଆଦିଙ୍କୁ ତବଲିଗ୍ ନିମନ୍ତେ ସମୟ ଦେବା ଉଚିତ୍ । ଆମକୁ ପ୍ରେମ, ଭଲପାଇବା ଓ ଇସଲାମର ସୁନ୍ଦର ଶିକ୍ଷା ମାଧ୍ୟମରେ ପ୍ରତ୍ୟେକ ହୃଦୟମାନଙ୍କୁ ଜିତିବାର ଅଛି ।

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ ସୁରେ ହାମିମ୍ ସଜଦାର ନିମ୍ନ ପଙ୍କ୍ତିଂ ପାଠ କଲେ- **ୱ ମନ୍ ଅହ୍‌ସନୁ କୌଲମ୍ ମିମ୍‌ମନ୍ ଦାଆ ଇଲ୍ଲାହି ୱ ଆମିଲା ସାଲିହାଉଁ ୱ କାଲା ଇନ୍ ନନି ମିନଲ୍ ମୁସ୍‌ଲିମିନ୍ ।** ହଜୁର କହିଲେ ଉକ୍ତ ପଙ୍କ୍ତିଂର ଅନୁବାଦ ଏପରି ଅଟେ କି ତାହାଠାରୁ ଅଧିକ ଉତମ କଥା କାହାର ହେବ ଯେ ଲୋକମାନଙ୍କୁ ଅଲ୍ଲାଃଙ୍କ ଆଡ଼କୁ ଡ଼ାକେ ଓ ନିଜ ବିଶ୍ୱାସ ମୁତାବକ କାର୍ଯ୍ୟ କରେ ଓ କହେ ମୁଁ ପୂର୍ଣ୍ଣ ଆଜ୍ଞାକାରୀମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ । ଉକ୍ତ ପଙ୍କ୍ତିଂ ସେ ସମସ୍ତ ବିଶେଷତ୍ୱକୁ ବହନ କରିଅଛି ଯାହାକି ଜଣେ ମୋମିନ୍‌ର ବିଶେଷତ୍ୱ ହେବା ଉଚିତ୍ । ଏଥିରେ ଅଲ୍ଲାଃତାଲା ଯେଉଁ ତିନି ଗୋଟି ବିଶେଷତା ବର୍ଣ୍ଣନା କରିଛନ୍ତି ଯଦି ତାହା କୌଣସି ବ୍ୟକ୍ତି ମଧ୍ୟରେ ରହିଥାଏ ତେବେ ତାହା ଜୀବନରେ ଓ ସମାଜରେ ଅସାଧାରଣ ପରିବର୍ତନ ଦେଖା ଯାଇଥାଏ । ତାହା ଧର୍ମପ୍ରଚାର କରିବା, ଉତମ କର୍ମ ସମ୍ପାଦନ କରିବା ଓ ଆଜ୍ଞାକାରୀତାର ନମୁନା ପ୍ରଦର୍ଶନ କରି ଏହି ଘୋଷଣା କରିବା କି ମୁଁ ଅଲ୍ଲାଃତାଲାଙ୍କ ରସୁଲଙ୍କର ସମସ୍ତ ଆଦେଶର ପାଳନକାରୀ କିମ୍ବା ପାଳନ କରିବାକୁ ଯଥା ସମ୍ଭବ ପ୍ରଚେଷ୍ଟାକାରୀ ଅଟେ । ଏସବୁ କଥା ଏପରି ଅଟେ କି ପ୍ରଥମତଃ ଜଣେ ମୋମିନ୍‌କୁ ଧାର୍ମିକ ଜ୍ଞାନ ଶିଖିବା ଏବଂ ଅନ୍ୟମାନଙ୍କୁ ଶିକ୍ଷା ପ୍ରଦାନକାରୀ କରିଥାଏ । ଅନ୍ୟମାନଙ୍କୁ ଶିକ୍ଷା ଦେବା ପ୍ରତି ସେତେବେଳେ ମନରେ ଉତ୍ସାହ ଜାଗ୍ରତ ହୋଇଥାଏ ଯେତେବେଳେ ସେମାନଙ୍କୁ ସଇତାନର ଦଳ ଓ କବଜାରୁ ରକ୍ଷା ପାଇବା ନିମନ୍ତେ ଅତ୍ୟନ୍ତ ଦରଦ୍‌ର ସହିତ ଆଗ୍ରହ ଓ ଉତ୍ସାହ ସୃଷ୍ଟି ହୋଇଥାଏ । ଅଲ୍ଲାଃଙ୍କୁ ଭୟ କରୁଥିବା ଓ ତାଙ୍କ ସାନିଧ୍ୟ ଲାଭ କରିବାର ଆଗ୍ରହ ରଖୁଥିବା ବ୍ୟକ୍ତି ହିଁ ଏହି ଚେଷ୍ଟା ଓ ସାଧନା କରିଥାଏ ।

ଦ୍ୱିତୀୟ ବିଶେଷତ୍ୱ ଏହି କି ଯେ, ଯେପରିକି (ଅଲ୍ଲାଃ) କହିଲେ ଉତମ କାର୍ଯ୍ୟ ସମ୍ପାଦନ କର ଅର୍ଥାତ ଅଲ୍ଲାଃ ଓ ତାଙ୍କ ଭକ୍ତମାନଙ୍କ ପ୍ରତି କର୍ତବ୍ୟ ସମ୍ପାଦନ କରିବା ପ୍ରତି କେବଳ ଧାନ ଦିଅ ନାହିଁ ବରଂ ସ୍ୱୟଂ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ପାଲଟିଯାଅ, ନଚେତ୍ ତୁମର ଧାର୍ମିକ ଜ୍ଞାନ ମଧ୍ୟ ନିରର୍ଥକ ସାବ୍ୟସ୍ତ ହେବ ଏବଂ ଅଲ୍ଲାଃଙ୍କ ଆଡ଼କୁ ଡ଼ାକିବା ଅମଳ ମଧ୍ୟ ଅଲ୍ଲାଃଙ୍କ ବରକତ୍ ଓ ତାହାର ଉତମ ପରିଣାମରୁ ଖାଲି ରହିଯିବ ।

ତୃତୀୟ ବିଶେଷତ୍ୱ ଏହା ବର୍ଣ୍ଣନା କରାଯାଇଅଛି କି ଜଣେ ସଚ୍ଚୋଟ ମୋମିନ୍ ଏହା ଘୋଷଣା କରିବ କି ମୁଁ ପୂର୍ଣ୍ଣ ଆଜ୍ଞାକାରୀମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଅଟେ ଅର୍ଥାତ ଅଲ୍ଲାଃତାଲା ଓ ତାଙ୍କ ରସୁଲଙ୍କ ସମସ୍ତ ଆଦେଶ ଉପରେ ପୂର୍ଣ୍ଣ ବିଶ୍ୱାସ ରଖୁଅଛି ଏବଂ କେବଳ ସେଥିରେ ବିଶ୍ୱାସ ରଖୁନାହିଁ ବରଂ ତାହାକୁ ନିଜ ଜୀବନର ଅଂଶ ଭାବରେ ଗ୍ରହଣ କରୁଅଛି । ମୁଁ ଧର୍ମକୁ ସଂସାର ଉପରେ ପ୍ରାଧାନ୍ୟ ଦେଉଅଛି ଏବଂ ଆସନ୍ତାରେ ମଧ୍ୟ ଦେଉଥିବି ଏବଂ ଉକ୍ତ ଆଜ୍ଞାକାରୀ ହେବା ଖଲିଫା ଓ ଜମାଅତର ବ୍ୟବସ୍ଥାର ମଧ୍ୟ ଆଜ୍ଞାକାରୀ ହେବା ଅନ୍ତର୍ଭୁକ୍ତ । ଏହି ଯୁଗରେ ଅଲ୍ଲାଃତାଲା ଗୋଟିଏ ଜମାଅତ ଗଠନ କରିବାକୁ ଚାହୁଁଥିଲେ ଏବଂ ସେ ତାହା କରିଦେଇଛନ୍ତି । ଅତଃ ବର୍ତମାନ ତାହା ସହ ଯୋଡ଼ି ହେବାର ଆବଶ୍ୟକତା ରହିଛି ।

ହଜୁର ଅନୱର ଅ.ବ କହିଲେ- ଆମେ ଅହେମଦିମାନେ ଏହି ପୂର୍ଣ୍ଣ ଆଜ୍ଞାକରୀତାର ସ୍ତର ସେତେବେଳେ ହାସଲ କରିପାରିବା, ଆମ ତବଲିଗ୍ କରିବା ସେତେବେଳେ ଫଳପ୍ରଦ ହେବ ଏବଂ ଆମର ଉତମ କର୍ମ ସେତେବେଳେ ପୁଣ୍ୟକର୍ମ ବୋଲାଇବ ଯେତେବେଳେ ଆମେ ହଜରତ ମସିହ ମଉଦ ଆ.ସଙ୍କ ଅନ୍ତେ ଖିଲାଫତ୍‌ର ପୂର୍ଣ୍ଣ ଆଜ୍ଞାକାରୀ ହେବା ଏବଂ ଖିଲାଫତ୍ ଅନ୍ତର୍ଗତ ଯେଉଁ ବ୍ୟବସ୍ଥା ରହିଛି ତାହା ସହ ପୂର୍ଣ୍ଣ ସହଯୋଗ ପ୍ରଦର୍ଶନ କରିବା । ଆମର ବ୍ୟକ୍ତିଗତ ଓ ସାମୁହିକ କାର୍ଯ୍ୟରେ ବରକତ୍ ସେତେବେଳେ ଆସିବ ଯେତେବେଳେ ଜମାଅତର ପ୍ରତ୍ୟେକ ବ୍ୟକ୍ତି, ପ୍ରତ୍ୟେକ କର୍ମକର୍ତା, କର୍ମୀ ଓ ମୁରବୀମାନେ ବ୍ୟବସ୍ଥାକୁ ବୁଝିବେ ଏବଂ ପରସ୍ପରର କର୍ତବ୍ୟ ସମ୍ପାଦନକାରୀ ହେବେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଅଲ୍ଲାଃତାଲା ନିଜ ଅଙ୍ଗିକାର ଓ ହଜରତ ମହମ୍ମଦ ସ.ଆଙ୍କ ଭବିଷ୍ୟବାଣୀ ମୁତାବକ ହଜରତ ମସିହ ମଉଦ ଆ.ସଙ୍କୁ ପ୍ରେରଣ କରିଛନ୍ତି ଏବଂ ସେହି ପ୍ରତିଶ୍ରୁତି ମୁତାବକ ପ୍ରେରଣ କରିଛନ୍ତି ଯେଉଁ କାର୍ଯ୍ୟ ଆପଣଙ୍କ ଦ୍ୱାରା ସମ୍ପାଦନ ହେବା ଧାର୍ଯ୍ୟ ଥିଲା ତାହା **ଇନ୍ନଶା ଅଲ୍ଲାଃ** ପୂରଣ ହେବ । କିଛି ଆପଣଙ୍କ ଜୀବନରେ ପୂରଣ ହୋଇଯାଇଛି ଓ କିଛି ଆପଣଙ୍କ

ଅନ୍ତେ ପୂରଣ ହେବା ଧାର୍ଯ୍ୟ ରହିଛି ଏବଂ ଯାହାକି ପୂରଣ ହେଉଅଛି । ଆପଣଙ୍କ ମାଧ୍ୟମରେ ଇସଲାମର ବାର୍ତା ବିଶ୍ୱର କୋଣେ କୋଣେ ପହଁଚୁଅଛି ଏବଂ ଆସ୍ତେଆସ୍ତେ ପବିତ୍ର ହୃଦୟଗଣ ଅହେମଦିୟତ୍ ଓ ଇସଲାମର କୋଳକୁ ଆସୁଅଛନ୍ତି । ଅଲ୍ଲାଃତାଲା ପବିତ୍ର କୋରାନରେ କହିଛନ୍ତି **କତବଲ୍ଲାହୁ ଲାଅଗ୍ଲିବନ୍ନା ଆନା ଓ୍ୱ ରୁସୁଲି** ଅର୍ଥାତ ଅଲ୍ଲାଃତାଲା ଧାର୍ଯ୍ୟ କରିସାରିଛନ୍ତି କି ମୁଁ ଓ ମୋର ରସୁଲ୍ ବିଜୟ ଲାଭ କରିବେ । ହଜରତ ମସିହ ମଉଦ ଆ.ସ କୁହନ୍ତି- ଯେହେତୁ ମୁଁ ଅଲ୍ଲାଃଙ୍କ ଅବତାର ଅଟେ, ଯେପରି ଆଦମ ଆ.ସଙ୍କଠାରୁ ହଜରତ ମହମ୍ମଦ ସ.ଆ ପର୍ଯ୍ୟନ୍ତ ଉକ୍ତ ଆୟତର ସତ୍ୟତା ପ୍ରତିପାଦିତ ହୋଇଆସୁଅଛି ସେହିପରି ବର୍ତମାନ ମଧ୍ୟ ମୋ ସପକ୍ଷରେ ପ୍ରତିପାଦିତ ହେବ ।

ହଜୁର ଅନଓ୍ୱର ଅ.ବ କହିଲେ- ହଜରତ ମସିହ ମଉଦ ଆ.ସଙ୍କ ଦ୍ୱାରା ଲଗାଯାଇଥିଲା ଚାରା ଆଜି ସବୁଜ ଶ୍ୟାମଳ ଫସଲ ରୂପେ ସମଗ୍ର ବିଶ୍ୱରେ ପ୍ରସାର ଲାଭ କଲାଣି ଏବଂ ଏଥିସମ୍ବନ୍ଧରେ ଆପଣଙ୍କୁ ବାରମ୍ବାର ଐଶ୍ୱରିକବାଣୀ ହୋଇଥିଲା କି ଅଲ୍ଲାଃତାଲା ଆପଣଙ୍କ ସହଯୋଗ କରିବେ ଯେପରି ଦରଜ ଅଛି **ୟନ୍‌ସୁରୁକୁମୁଲ୍ଲାହୁ ଫିଦ୍‌ଦୁନୟା** ଅଲ୍ଲାଃତାଲା ନିଜ ଧର୍ମ ମାମଲାରେ ତୁମର ସାହାଯ୍ୟ କରିବେ । ଆଉ ଗୋଟିଏ ଐଶ୍ୱରିକବାଣୀ ରହିଛି **ନସରୁକଲ୍ଲାହୁ ମିନ୍ ଇନ୍‌ଦହୁ** ଅଲ୍ଲାଃ ନିଜ ତରଫରୁ ତୁମର ସାହାଯ୍ୟ କରିବେ । ପୁନଃ ଐଶ୍ୱରିକବାଣୀ ରହିଛି ମୁଁ ତୁମକୁ ସମଗ୍ର ଭୂପୃଷ୍ଠରେ ସମ୍ମାନର ସହିତ ମର୍ଯ୍ୟାଦା ପ୍ରଦାନ କରିବି । ଆହୁରି କହିଲେ ମୁଁ ତୁମ ତବଲିଗ୍‌କୁ ପୃଥିବୀର କୋଣ ଅନୁକୋଣେ ପହଂଚାଇଦେବି । ଅତଃ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଆପଣଙ୍କ ବାର୍ତା ସମଗ୍ର ପୃଥିବୀରେ ପହଁଚିବ ଏବଂ ସଂସାରବାସୀ ଆପଣଙ୍କୁ ହଜରତ ମହମ୍ମଦ ସ.ଆଙ୍କ ସଚ୍ଚୋଟ ପ୍ରେମି ଓ ମହାନ ବୀର ଭାବରେ ଚିହ୍ନିବେ ଓ ଜାଣିବେ ଏବଂ ଆମେ ଦେଖୁଅଛୁ କି M.T.A ମାଧ୍ୟମରେ ଅଲ୍ଲାଃତାଲା ସମଗ୍ର ବିଶ୍ୱରେ ବେଶ୍ ସୁନ୍ଦର ଭାବରେ ବାର୍ତା ପହଁଚାଉଛନ୍ତି । ଏସବୁ ହଜରତ ମସିହ ମଉଦ ଆ.ସଙ୍କ ସହ ଅଲ୍ଲାଃତାଲା କରିଥିବା ପ୍ରତିଶୃତିର ପରିଣାମ ଅଟେ । ପୁଣି ମୋ ଖୁତବା ଓ M.T.A ର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପବିତ୍ର ସ୍ୱଭାବ ଲୋକେ ଅହେମଦିୟତ୍‌ରେ ଅନ୍ତର୍ଭୁକ୍ତ ହେଉଛନ୍ତି । ମୋତେ ଅନେକ ଲୋକ ଲେଖୁଛନ୍ତି କି କିଭଳି M.T.A ରେ ଆପଣଙ୍କ ଖୁତବା ଆମକୁ ପ୍ରଭାବିତ କଲା ଏବଂ ଅଲ୍ଲାଃତାଲା ଆମକୁ ଅହେମଦିୟତ୍ ସ୍ୱୀକାର କରିବାକୁ ଶକ୍ତି ପ୍ରଦାନ କଲେ । ଅତଃ ଏସବୁ ଅଲ୍ଲାଃତାଲାଙ୍କ କାର୍ଯ୍ୟ ଓ ତାଙ୍କ ପ୍ରତିଶୃତି ଅଟେ । ଏସବୁ ତ ପୂରଣ ହୋଇଚାଲିଥିବ **ଇନ୍ନଶା ଅଲ୍ଲାଃ** । ଅତଏବ ପ୍ରତ୍ୟେକ ଅହେମଦିମାନଙ୍କୁ ଏକଥା ଗୁରୁତ୍ୱ ଦେବା ଆବଶ୍ୟକ କି ଅଲ୍ଲାଃତାଲା ଯେଉଁ କାର୍ଯ୍ୟ ନିଜେ କରିବାର କହିଛନ୍ତି ସେଥିରେ ଭାଗ ନେଇ ଆମକୁ ପୁଣ୍ୟ ଅର୍ଜନ କରିବା ଉଚିତ୍ । ଆମେ ଅଲ୍ଲାଃଙ୍କ ପ୍ରଶନ୍ନତା ଲାଭକାରୀ ହେଉ ହଜୁର ଅନଓ୍ୱର ଅ.ବ ସ୍ପେନ୍‌ର ଅହେମଦିମାନଙ୍କର ବିଶେଷ ଧ୍ୟାନ ଆକର୍ଷଣ କରି କହିଲେ- ଆପଣମାନେ ଯେ କି ସ୍ପେନର ବାସିନ୍ଦା ଅଟନ୍ତି ସମୟ ବାହାର କରି ମାସକୁ ଅତିକମ୍‌ରେ ଦିନେ ଦୁଇ ଦିନ ତବଲିଗ୍ କରନ୍ତୁ । ଏଠାକାର ବାସିନ୍ଦାଙ୍କ ସ୍ୱଭାବ ଅନୁଯାୟୀ ତବଲିଗ୍‌ର ବିଭିନ୍ନ ମାର୍ଗ ଖୋଜନ୍ତୁ । କ୍ରେନ୍ଦ୍ରିୟ ଓ ସ୍ଥାନୀୟ ଜମାଅତର ସେକ୍ରେଟାରୀ ତବଲିଗ୍ ତଥା ଅନ୍ୟ କର୍ମକର୍ତାମାନେ ପରିସ୍ଥିତି ଅନୁକୂଳ ଯୋଜନାବଦ୍ଧ ଭାବରେ ପ୍ରଚାର କାର୍ଯ୍ୟ କରିବା ଉଚିତ୍ । ଏହିପରି ପ୍ରେତ୍ୟେକ ଅହେମଦି, ଖୁଦ୍ଦାମ, ଅନସାର୍, ଲଜନା ଆଦିଙ୍କୁ ତବଲିଗ୍ ନିମନ୍ତେ ସମୟ ଦେବା ଆବଶ୍ୟକ । ଏଠାରେ ମୁସଲମାନମାନଙ୍କୁ ତଲଓ୍ୱାର ଭୟ ଦେଖାଇ ୭୦୦/୮୦୦ ବର୍ଷ ପୂର୍ବେ ଖ୍ରୀଷ୍ଟଧର୍ମୀ କରାଯାଇଥିଲାକିନ୍ତୁ । ଆମେ ପ୍ରେମ, ଭଲପାଇବା ଓ ଇସଲାମର ସୁନ୍ଦର ଶିକ୍ଷା ମାଧ୍ୟମରେ ହୃଦୟ ଜୟଯୁକ୍ତ କରିବା । ବର୍ତମାନ ସ୍ପେନ୍‌ର ସେଭଳି ପରିସ୍ଥିତି ନାହିଁ ଯେପରିକି ଆଜିକୁ ୩୫/୪୦ ବର୍ଷ ପୂର୍ବେ ଥିଲା । ଆଜି ଯଦି ଆମର ବାର୍ତା (ଲୋକମାନଙ୍କ ନିକଟରେ) ପହଁଚି ପାରୁ ନାହିଁ । ତେବେ ତାହା ଆମ ଅବହେଳା ଯୋଗୁଁ, ଏଠାରେ ମରାକ୍କୋ ଓ ଅନ୍ୟାନ୍ୟ ଆରବ ଦେଶର ଲୋକମାନେ ଆସି ସ୍ଥାୟୀ ବାସିନ୍ଦା ହୋଇସାରିଲେଣି ସେମାନଙ୍କ ଅଂଚଳରେ ଆରବି ଜାଣିଥିବା ଲୋକମାନଙ୍କ ମାଧ୍ୟମରେ (ଜମାଅତର) ପ୍ରଚାର ଓ ପତ୍ରିକା ବଣ୍ଟନ କରିବା ଉଚିତ୍ ।

ହଜୁର ଅନଓ୍ୱର ଅ.ବ କହିଲେ- ଏଠାରେ ବସବାସ କରୁଥିବା ଅହେମଦି କର୍ମକର୍ତା ଓ ମୁରବୀମାନଙ୍କୁ ଏଥିସମ୍ବନ୍ଧରେ ଏକ ସୁଦୃଢ ଓ ସକ୍ରିୟ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ଉଚିତ୍ । ପାରସ୍ପରିକ ସାହାଯ୍ୟ ସହଯୋଗର ଆବଶ୍ୟକତା ରହିଛି । ବ୍ୟକ୍ତିଗତ ଭାବନାରୁ ମୁକୁଳି ଜମାଅତର ଲକ୍ଷକୁ ସର୍ବପ୍ରଥମ ରଖିବା ଆବଶ୍ୟକ । ଏକଥା ମଧ୍ୟ ବୁଝିବା ଉଚିତ୍ ଯେ, ଆମେ ଅହେମଦି ହୋଇ ନିଜ କର୍ତବ୍ୟ ସମ୍ପାଦନ କରିବା । କେବଳ ପ୍ରତି ବର୍ଷ ପରି ନୂତନ ମୁବଲିଗ୍‌ମାନେ ମାସକ ପାଇଁ ଆସି ପତ୍ରିକା ବଣ୍ଟନ କରିଦେଲେ ଉଦ୍ଦେଶ୍ୟ ପୂରଣ ହେବ ନାହିଁ ।

ଏହି ଭାବନା ଉତ୍ପନ୍ନ କରିବାର ଆବଶ୍ୟକତା ରହିଛି କି ଅଲ୍ଲାଃତାଲା ଜଣେ ସଚ୍ଚୋଟ ମୋମିନ୍ ଉପରେ ଧର୍ମପ୍ରଚାରର ଯେଉଁ ଗୁରୁଦାୟିତ୍ୱ ପ୍ରଦାନ କରିଛନ୍ତି ତାହାକୁ ଆମକୁ ହିଁ ପୂରଣ କରିବାର ଅଛି । ସବୁଠାରୁ ଅଧିକ ମୁରବୀମାନଙ୍କ କର୍ତବ୍ୟ କି ସେମାନେ

ପ୍ରଚାର କାର୍ଯ୍ୟ ନିମନ୍ତେ ବିଭିନ୍ନ ମାର୍ଗ ଖୋଜନ୍ତୁ । ଜମାଅତର ଲୋକମାନଙ୍କୁ ସାଥିରେ ନେଇ ସମସ୍ତଙ୍କୁ (ଜମାଅତ ସହ) ଅବଗତ କରାନ୍ତୁ । ଅମିର ଜମାଅତଙ୍କର ମଧ୍ୟ କର୍ତବ୍ୟ କି ଯଦି ଅର୍ଥର ଆବଶ୍ୟକତା ରହିଛି ତେବେ ତାହାକୁ ସମାଧାନ କରନ୍ତୁ, ମୋତେ ଲେଖନ୍ତୁ । ସେକ୍ରେଟାରୀ ତବଲିଗ୍, ମୁରବି ଓ ଜମାଅତର ସଦସ୍ୟମାନଙ୍କୁ ପୂର୍ଣ୍ଣ ସହାୟତା କରନ୍ତୁ । ଏହି ମାର୍ଗ ଅଟେ ଯଦ୍ଦ୍ୱାରା ଆମେ ଇସଲାମର ମର୍ଯ୍ୟାଦାର ପୁନଃ ପ୍ରତିଷ୍ଠା କରିପାରିବା । ହଜରତ ମସିହ ମଉଦ ଆ.ସ କୁହନ୍ତି–

ଏହା କିଭଳି ସୌଭାଗ୍ୟର ଯୁଗ କି ଅଲ୍ଲାଃତାଲା ଏହି ପୂର୍ଣ୍ଣ ଅନ୍ଧକାର ସମୟରେ ମାତ୍ର ନିଜ କୃପା ଯୋଗେ ହଜରତ ମହମ୍ମଦ ସ.ଆଙ୍କ ସମ୍ମାନ ପ୍ରକାଶ କରିବାର ମନସ୍ଥ କରିନେଇଛନ୍ତି । ମୁଁ ସେହି ଲୋକମାନଙ୍କୁ ପଚାରୁଛି ଯେ ନିଜ ହୃଦୟରେ ଇସଲାମ ପ୍ରତି ଦରଦ୍ ରଖୁଛନ୍ତି ଏବଂ ତାହାର ସମ୍ମାନ ଓ ମାନ ସେମାନଙ୍କ ହୃଦୟରେ ଜୀବିତ ଅଛି କ'ଣ ଏଭଳି ଯୁଗଠାରୁ ବଳି ଅପମାନ ଓ ଲଜ୍ଯାଜନକ ତଥା ହଜରତ ମହମ୍ମଦ ସ.ଆଙ୍କ ସମ୍ମାନ ହାନି ହେବା ପରି ଯୁଗ, ଇସଲାମ ଉପରେ ଅତିକ୍ରମ ହୋଇଛି ଏବଂ ପବିତ୍ର କୋରାନର ତିରସ୍କାର କରାଯାଇଛି । କ'ଣ ହଜରତ ମହମ୍ମଦ ସ.ଆଙ୍କର କିଛି ହେଲେ ସମ୍ମାନ ଅଲ୍ଲାଃତାଲା ଚାହୁଁନଥିଲେ ଯେ ଏଭଳି ଗାଳିଗୁଲଜ ପରେ ମଧ୍ୟ କୌଣସି ଐଶ୍ୱରିକ ଜମାଅତ ଗଠନ କଲେ ନାହିଁ । ଯେଉଁମାନଙ୍କ ଚକ୍ଷୁରେ ପରଦା ପଡ଼ିଛି ସେମାନେ ତାହାକୁ ଦେଖିପାରିବେ ନାହିଁ । ଯେତେବେଳେ କି ଏହି ଜମାଅତ ସୂର୍ଯ୍ୟ ପରି ଉଜ୍ଜ୍ୱଳ ହୋଇଗଲାଣି ଏବଂ ତାହାର ନିଦର୍ଶନ ଓ ଚିହ୍ନର ଲୋକେ ଏଭଳି ସାକ୍ଷୀ ଅଟନ୍ତି କି ଯଦି ସେମାନଙ୍କୁ ଏକତ୍ରିତ କରାଯାଏ ତେବେ ସେମାନଙ୍କ ସଂଖ୍ୟା ଏତେ ପରିମାଣରେ ହେବ କି ସମଗ୍ର ଭୂପୃଷ୍ଠରେ କୌଣସି (ମହାପ୍ରତାପି) ସମ୍ରାଟଙ୍କ ସନ୍ୟସାମନ୍ତ ମଧ୍ୟ ନଥିବେ ।

ହଜୁର ଅନଓ୍ୱର ଅ.ବ କହିଲେ– ଆମେମାନେ ସାକ୍ଷୀ ଅଟୁ କି ଏହି ମର୍ଯ୍ୟାଦା ଅଲ୍ଲାଃତାଲା ପ୍ରଦାନ କରୁଛନ୍ତି । ଏଠାରେ ମଧ୍ୟ ପ୍ରେସ ଓ ଅନ୍ୟ ଲୋକମାନଙ୍କ ଧ୍ୟାନ ଆକର୍ଷିତ ହେଉଅଛି ଏବଂ ସଂସାରର କେତେକ ଦେଶରେ ଲୋକେ ମୁକ୍ତ ଭାବରେ ନିଜର ମତ ପ୍ରକାଶ ମଧ୍ୟ କରୁଛନ୍ତି । ହଜରତ ମସିହ ମଉଦ ଆ.ସ ଗୋଟିଏ ସ୍ଥାନରେ କୁହନ୍ତି ଯଦି ଅଧିକ ଦିନ ଜୀବିତ ରହିବାକୁ ଚାହୁଁଛ ତେବେ ତବଲିଗ୍ କାର୍ଯ୍ୟରେ ମାତିଯାଅ । ଆପଣ କୁହନ୍ତି ଯେଉଁମାନେ ଧର୍ମ ସେବାରେ ପ୍ରତ୍ୟେକ କ୍ଷଣ ନ୍ୟସ୍ତ ରହିଥାନ୍ତି । ସେମାନଙ୍କ ସହ ନମ୍ର ଆଚରଣ କରାଯାଇଥାଏ ଯେପର୍ଯ୍ୟନ୍ତ କି ସେମାନେ ଏହି କାର୍ଯ୍ୟ ଓ ସେବାକୁ ସମ୍ପୂର୍ଣ୍ଣ କରିଦେଇ ନଥାନ୍ତି । ଆପଣ କୁହନ୍ତି ଯଦି ମଣିଷ ଇଚ୍ଛା କରୁଅଛି କି ଦିର୍ଘଜୀବି ହେବ ତେବେ ତାହାକୁ ଆବଶ୍ୟକ କି ଯେପର୍ଯ୍ୟନ୍ତ ସମ୍ଭବ ନିଷ୍ଠାପର ଭାବରେ ଧର୍ମକର୍ମରେ ନିଜକୁ ଉତ୍ସର୍ଗ କରିଦେଉ । ଆଜିକାଲି ଏହି ସୁତ୍ର ଅତ୍ୟନ୍ତ ଉପାଦେୟ କାରଣ ଧର୍ମକୁ ଏଭଳି ସେବାକାରୀଙ୍କ ଆବଶ୍ୟକତା ରହିଛି । ଯଦି ଏପରି କରିବ ନାହିଁ ତେବେ ବୟସର କୌଣସି ଠିକଣା ନାହିଁ । ତାହା ତ ଏମିତି ଅତିବାହିତ ହୋଇଯାଇଥାଏ ।

utba Juma 20-4-18.pmd

ହଜୁର ଅନଓ୍ୱର ଅ.ବ କହିଲେ– ହଜରତ ମହମ୍ମଦ ସ.ଆ ଏକଦା ହଜରତ ଅଲ୍ଲୀଙ୍କୁ କହିଲେ ନିଃସନ୍ଦେହ ତୁମ ଦ୍ୱାରା ଜଣକୁ ସତ୍‌ମାର୍ଗ ପ୍ରାପ୍ତ ହେବା ସବୁଠାରୁ ଉତମ ଲୋହିତବର୍ଣ୍ଣ ଓଟଠାରୁ ଅଧିକ ଫଳପ୍ରଦ ଅଟେ । ଏହି ସାଂସାରିକ ଧନସମ୍ପତି ଧର୍ମ ପ୍ରଚାର କରିବା ତୁଳନାରେ ତୁଚ୍ଛ ଅଟେ ଏବଂ କାହାରିକୁ ସତ୍‌ମାର୍ଗ ପ୍ରାପ୍ତିର ମାଧ୍ୟମ ସାଜ । ଅଲ୍ଲାଃତାଲାଙ୍କ ପୁରସ୍କାରର ଅଧିକାରୀ ହେବା ନିମନ୍ତେ ଆମ ପାଇଁ ଆବଶ୍ୟକ କି ଆମେ ତବଲିଗ୍ କରିବା ଏବଂ ସଂସାରବାସୀଙ୍କୁ ସତ୍‌ପଥ ପ୍ରଦର୍ଶନ କରାଇବା ପାଇଁ ସମୟ ଦେବା । ହଜରତ ମସିହ ମଉଦ ଆ.ସ ଆମକୁ ଇସଲାମର ସେବା କରିବା ପ୍ରତି ଧ୍ୟାନ ଆକର୍ଷିତ କରି କୁହନ୍ତି–

ବର୍ତମାନର ସଂଙ୍କଟାପର୍ଣ୍ଣ ସମୟରେ ମୁଁ ଆପଣମାନଙ୍କୁ ବାରମ୍ବାର ଉପଦେଶ ପୂର୍ବକ କହୁଅଛି ଯେ, କୌଣସି ଯୁବକ ଏହି ଭ୍ରମରେ ନରୁହନ୍ତୁ କି ମୋତେ ୧୮/୧୯ ବର୍ଷ ବୟସ ହୋଇଛି ଏବଂ ଆଗକୁ ବହୁତ ସମୟ ବାକି ଅଛି । ସବଳ (ଲୋକ) ନିଜ (ଉତମ) ସ୍ୱାସ୍ଥ୍ୟ ଓ ଶରୀର ଉପରେ ଗର୍ବ କରିବା ଉଚିତ୍ ନୁହେଁ । କୌଣସି ବ୍ୟକ୍ତି ଯେ, ସୁଦୃଢ ଓ କୁଶଳ ଅବସ୍ଥା ରହିଛି ସେ ନିଜ ସମୃଦ୍ଧି ଉପରେ ଭରଷା କରିବା ଉଚିତ୍ ନୁହେଁ । ଏହି ଅନ୍ତିମ ଯୁଗ ଯାହାକି ଅସାଧାରଣ ପରିବର୍ତନର ଯୁଗ ଅଟେ । ଆପଣ କୁହନ୍ତି ଅଲ୍ଲାଃତାଲା ସତ୍ୟ ଓ ମିଥ୍ୟାବାଦୀର ପରୀକ୍ଷା ନେବାକୁ ଚାହୁଁଛନ୍ତି । ବର୍ତମାନ ସତ୍ୟ ଓ ନିଷ୍ଠା ପ୍ରଦର୍ଶନ କରିବାର ସମୟ । ବର୍ତମାନ ଅନ୍ତିମ ଅବସର ପ୍ରଦାନ କରାଯାଇଛି । ଏହାପରେ ଆଉ ସୁଯୋଗ ମିଳିବ ନାହିଁ । ବଡ଼ ହତଭାଗା ସେ ଯେ ଏହି ସୁଯୋଗକୁ ହାତଛଡ଼ା କରିଥାଏ

ହଜୁର ଆ.ସ କୁହନ୍ତି ଖାଲି ମୁହଁରୁ ବୟତ କରିବାରେ କିଛି ଲାଭ ମିଳିନଥାଏ । ଚେଷ୍ଟା କର ଅଲ୍ଲାଃଙ୍କ ନିକଟରେ ଦୁଆ କର କି ସେ ତୁମକୁ ସତ୍ୟବାଦୀ କରିଦେବେ । ମୁଁ ଯେଉଁ ଶିକ୍ଷା ଉପସ୍ଥାପନ କରିଅଛି ତଦ୍‌ନୁଯାୟୀ ଅମଳ କରିବାକୁ ଚେଷ୍ଟା କର । ହଜୁର ଅନଓ୍ୱର ଅ.ବ କହିଲେ– ଯେପରିକି ମୁଁ ପୂର୍ବ ଖୁତବାରେ କହିଥିଲି କି **କଶତି ନୁହ୍**ରେ ଆମ ଶିକ୍ଷାର ଯେଉଁ ଭାଗ ରହିଛି ତାହାକୁ ପ୍ରତ୍ୟେକ ଅହେମଦିଙ୍କୁ ପାଠ କରିବା ଉଚିତ୍ ବରଂ ସମ୍ପୂର୍ଣ୍ଣ କଶତି ନୁହ୍ ହିଁ ପାଠ କରିବା ଉଚିତ୍ । ସଂସ୍କାରୀ ହେବା ସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ ଅଧିକ କୁହନ୍ତି–

ଯଦିଓ ସାଧାରଣତଃ ଏହା ଦେଖାଯାଇଥାଏ ଯେ, ଲୋକେ କଲ୍‌ମାର ସ୍ୱୀକାର ତ କରିଥାନ୍ତି । ନମାଜ ମଧ୍ୟ ପାଠ କରିଥାନ୍ତି, ରୋଜା ରଖିଥାନ୍ତି କିନ୍ତୁ ଅସଲ କଥା ହେଲା କି ସେମାନଙ୍କଠାରେ ଆଧାତ୍ମିକତା ତିଳେ ମାତ୍ର ନଥାଏ । ବେଶ୍ ଭଲ ଭାବରେ ମନେରଖ ଯେପର୍ଯ୍ୟନ୍ତ ସ୍ୱଚ୍ଛ ହୃଦୟ ଓ ଆଧାତ୍ମିକତା ସହିତ ଉତମ କର୍ମ ସମ୍ପାଦନ କରିନାହଁ କୌଣସି ଲାଭ ମିଳିନଥାଏ । ଏହି କର୍ମ (ନମାଜ, ରୋଜା) କୌଣସି ଉପକାର ପ୍ରଦାନ କରିନଥାଏ । ଯେଉଁମାନଙ୍କ ନମାଜରେ ବିଭ୍ରାଟ ଓ କାମନା ଲୁକାୟିତ ରହିଛି ସେମାନଙ୍କ ନମାଜ ଅଲ୍ଲାଃଙ୍କ ଖାତିର୍ ନୁହେଁ । ସଂସ୍କାରୀ ହେବାର ସତ୍ୟାସତ୍ୟ ସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ କୁହନ୍ତି–

ମନେରଖ ଅଲ୍ଲାଃତାଲା ଅନ୍ତର ଓ ଆଧାତ୍ମିକତା ଉପରେ ନଜର ରଖିଥାନ୍ତି ନା କି ସେ ଲୋକଦେଖାଣିଆ କାର୍ଯ୍ୟ ଉପରେ କି ସେମାନଙ୍କ ଅମଲ ଭିତରେ ସ୍ୱାର୍ଥ ଓ କାମନା (ପୂରଣ) ରହିଛି ଅବା ଅଲ୍ଲାଃତାଲାଙ୍କ ପ୍ରତି ସଚ୍ଚୋଟତା ଓ ନିଷ୍ଠାପରତା । **ଅଲ୍ଲାଃତାଲା ନକଲ ପସନ୍ଦ କରନ୍ତି ନାହିଁ** । ଲୋକଦେଖାଣିଆ କାର୍ଯ୍ୟ ମଣିଷର କୌଣସି କାମରେ ଆସିନଥାଏ । ଏପରି ଅମଲ ଯେଉଁଥିରେ ପ୍ରତି ମୁହୂର୍ତରେ ଅଲ୍ଲାଃଙ୍କ ଭୟ ଓ ତାଙ୍କ ପ୍ରସନ୍ନତା ରହିନାହିଁ ସେଥିରୁ କୌଣସି ପୁଣ୍ୟ ମିଳିନଥାଏ । ଏପରି ତବଲିଗ୍ କରିବାର ପରିଣାମ ମଧ୍ୟ କିଛି ବାହାରିନଥାଏ । ପୁନଶ୍ଚ ସଂସ୍କାରୀ ହେବା ସମ୍ବନ୍ଧରେ ହଜୁର ଆହୁରି କୁହନ୍ତି–

ଯେଉଁ ବ୍ୟକ୍ତି ନିଜ ବିଶ୍ୱାସକୁ ସୁଦୃଢ ରଖିବାକୁ ଚାହେଁ ସେ ଉତମ କର୍ମ କରିବାରେ ଉନ୍ନତି କରିବା ଉଚିତ୍ । ଅମଲର ପ୍ରଭାବ ଆସ୍ଥା ଉପରେ ପଡ଼ିଥାଏ । ହଦିସ୍ ଶରିଫରେ ଏଥିନିମନ୍ତେ ଦରଜ ଅଛି କି ଚୋର ଯେତେବେଳେ ଚୋରୀ କରିଥାଏ ସେତେବେଳେ ସେ ମୋମିନ୍ ହୋଇ ରହିନଥାଏ ଏବଂ କୁକର୍ମୀ ଯେତେବେଳେ କୁକର୍ମ କରେ ସେତେବେଳେ ସେ ମୋମିନ୍ ହୋଇ ରହିନଥାଏ ସେହି ଅପକର୍ମ ତାହାର ସତ୍ୟ ଓ ସଠିକ୍ ବିଶ୍ୱାସ ଉପରେ ପ୍ରଭାବ ପକାଇ ତାହାକୁ ନଷ୍ଟ କରିଦେଇଥାଏ । **ଆମ ଜମାଅତକୁ ଆବଶ୍ୟକ କି ସବୁଠାରୁ ଅଧିକ ଉତମ କର୍ମ କରିବାକୁ ଚେଷ୍ଟା କରନ୍ତୁ** । ଅଲ୍ଲାଃତାଲା ସେତେବେଳେ ଅଣଦେଖା କରିବେ ଯେତେବେଳେ ଈଶ୍ୱରଭୟ, ପବିତ୍ରତା ଓ ସଚ୍ଚୋଟ ଆଜ୍ଞାକାରୀତା ମାଧ୍ୟମରେ (ଅଲ୍ଲାଃ)ଙ୍କୁ ପ୍ରସନ୍ନତ କରିବ । ଯେ ଅସୁବିଧା ସମୟରେ ନିଷ୍ଠା ଓ ସତ୍ୟ ରକ୍ଷା କରିଥାଏ ଅଲ୍ଲାଃତାଲା ତାହା ଉପରେ ହିଁ ପ୍ରସନ୍ନିତ ହୋଇଥାନ୍ତି ।

ହଜୁର ଅନଓ୍ୱର ଅ.ବ କହିଲେ– ଉତମ କର୍ମ ସେତେବେଳେ ବୋଲାଇଥାଏ ଯେତେବେଳେ ପୂର୍ଣ୍ଣ ଆଜ୍ଞାକାରିତାର ସହିତ ସମ୍ପାଦନ କରାଯାଏ । ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ସମ୍ପାଦନ କରାଯାଏ । ଯେତେବେଳେ ନିଜ କାମନାର ପାଚେରିକୁ ପୂର୍ଣ୍ଣ ରୂପେ ଭାଙ୍ଗି ଦେଇ ମାତ୍ର ଗୋଟିଏ ଉଦ୍ଦେଶ୍ୟ ନିର୍ଦ୍ଧାରଣ କରାଯାଏ କି ଆମେ ନିଜ ପ୍ରତ୍ୟେକ କାର୍ଯ୍ୟରେ ଅଲ୍ଲାଃଙ୍କ ପ୍ରସନ୍ନତାକୁ ପ୍ରାଥମିକତା ଦେବୁ ଏବଂ ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଲ କରିବୁ ତେବେ ତାହା ହିଁ ପ୍ରକୃତ ଆଜ୍ଞାକାରିତା । ଏପରି ନୁହେଁ କି ଯେଉଁସ୍ଥଳେ ନିଜ ଲାଭ ଦେଖ ତାହାର ଆଜ୍ଞାକାରୀ ହେବାର ଘୋଷଣା କରିଦିଅ ଏବଂ ଯେଉଁସ୍ଥଳେ ନିଜ ଇଚ୍ଛା ବିପରୀତ କିଛି ଦେଖ ସେଠାରେ ଅଭିଯୋଗ କରିବା ଆରମ୍ଭ କରିଦିଅ । ସର୍ବଦା ମନେରଖ ବ୍ୟବସ୍ଥା ଅନୁଯାୟୀ ଅନାବଶ୍ୟକ ଅଭିଯୋଗ କରିବା ବ୍ୟବସ୍ଥାଠାରୁ (ମଣିଷକୁ) ଦୂରେଇ ଦେଇଥାଏ ଏବଂ ତାହା ପୁଣି ଧର୍ମ ଓ ଖିଲାଫତ୍ ଠାରୁ ଦୂରେଇ ଦେଇଥାଏ । ଏପରି ମଣିଷ ଅଲ୍ଲାଃଙ୍କ ଠାରୁ ଦୂରେଇ ଯାଇଥାଏ । ଏପରି କେତେକ ଲୋକଙ୍କ ପରିଣାମ ଆମେ ସ୍ୱଚକ୍ଷୁରେ ଦେଖିଅଛୁ । ହଜରତ ମସିହ ମଉଦ ଆ.ସ କୁହନ୍ତି–

ଆମେ ବିଜୟ ଲାଭ କରିବାର ଅସ୍ତ୍ର କ୍ଷମାପ୍ରାର୍ଥନା କରିବା, ଧାର୍ମି ଜ୍ଞାନ ହାସଲ କରିବା, ଅଲ୍ଲାଃତାଲାଙ୍କ ମର୍ଯ୍ୟାଦାକୁ ସମ୍ମୁଖରେ ରଖିବା ଓ ପାଂଚବେଳା ନମାଜ ପାଠ କରିବାରେ ଅନ୍ତର୍ନିହିତ । **ନମାଜ ଦୁଆ ସ୍ୱୀକାର ହେବାର ଚାବିକାଠି ଅଟେ** । ନମାଜ ପାଠ କଲାବେଳେ ଦୁଆ କର, ଭୋଳାପଣ ପରିହାର କର ପ୍ରତ୍ୟେକ ଅପକର୍ମ ତାହା ଅଲ୍ଲାଃଙ୍କ କର୍ତବ୍ୟ ସମ୍ବନ୍ଧିତ ହେଉ ଅବା ସୃଷ୍ଟି ସମ୍ବନ୍ଧିତ ସେଥିରୁ ନିବୃତ ରୁହ । ଅଲ୍ଲାଃତାଲା ଆମକୁ ହଜରତ ମସିହ ମଉଦ ଆ.ସଙ୍କ ବାର୍ତା ପହଂଚାଇବାର ଶକ୍ତି ଦିଅନ୍ତୁ ଓ ବିଜୟର ଭାଗିଦାର କରନ୍ତୁ । ଆମେ କ୍ଷମାପ୍ରାର୍ଥନା ଓ ଦୁଆ କରି ତବଲିଗ୍‌ର କର୍ତବ୍ୟ ସମ୍ପାଦନ କରିଚାଲୁ । ଅଲ୍ଲାଃ ଓ ତାଙ୍କ ସୃଷ୍ଟିର କର୍ତବ୍ୟ ଯାହାକି ଉତମ କର୍ମ କରିବା ପ୍ରତି ଧ୍ୟାନ ଆକର୍ଷିତ କରିଥାଏ, ସମ୍ପାଦନ କରୁ । ଆମର ପ୍ରତ୍ୟେକ କାର୍ଯ୍ୟରେ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବା ମୂଳ ଲକ୍ଷ ରହୁ । ଅଲ୍ଲାଃତାଲାଙ୍କ ପୂର୍ଣ୍ଣ ଆଜ୍ଞାକାରୀମାନଙ୍କ ମଧ୍ୟରେ ଆମେ ଅନ୍ତର୍ଭୁକ୍ତ ହେଉ ଏବଂ ଯେତେବେଳେ ଆମେ ଏହି ଉକ୍ତିଗୁଡ଼ିକ ଉପରେ ଦୃଷ୍ଟି ରଖିବା ତେବେ (ଇନ୍‌ଶା ଅଲ୍ଲାଃ) ଅଲ୍ଲାଃତାଲା ନିଜ ପ୍ରତିଶୃତି ମୁତାବକ ଇସଲାମର ବିଜୟର ଦିନ ଆମକୁ ସ୍ୱଚକ୍ଷୁରେ ଦେଖାଇବେ । ଅଲ୍ଲାଃତାଲା ଆମ୍ଭକୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

Khulasa Khutba Juma Huzoor Anwar a.b.a
20th April 2018